### ଚିକିତ୍ସା ଅବହେଳାରୁ ପୂଜକଙ୍କ ମୃତ୍ୟୁ ଅଭିଯୋଗ

# ବଞ୍ଚିଥିବା ଭାବି ମଶାଣିରୁ ମେଡିକାଲ ଆଣିଲେ ଶବ

ଗଞ୍ଜାମ,୧୬ ।୧୨(ସମିସ):

ପୂଜକଙ୍କ ମୃତ୍ୟୁ ପରେ ଗ୍ରାମ ଶ୍ମଶାସନକୁ ଶେଷକୃତ୍ୟ ପାଇଁ ନିଆଯାଇଥିଲା । ମାତ୍ର ସେଠାରେ ତାଙ୍କ ନିଶ୍ୱାସ ପ୍ରଶ୍ୱାସ ଚାଲୁଥିବା ଓ ସେ ଜୀବିତ ଥିବା ସନ୍ଦେହ କରି ପୁଣି

## ଡାକ୍ତରଙ୍କ ମୃତ ଘୋଷଣା ପରେ ପୁଣି ଗଲା ମଶାଣି

ମଶାଣିରୁ ମେଡ଼ିକାଲ ଅଣାଯାଇଥିଲା । ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିବାରୁ ପୁଣି ମୃତଦେହ ମଶାଣିକୁ ନିଆଯାଇଥିଲା । ଏଭଳି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ।

ପ୍ରକାଶ ଯେ, ଗ୍ରାମର ନୃସିଂହ ମନ୍ଦିର



ପୂଜକ ରାଜେନ୍ଦ୍ର ରଥ ରବିବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ । ସେଠାରେ ପରୀକ୍ଷା ପରେ ନିମୋନିଆ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ତେବେ ସୋମବାର ବିଳମ୍ବିତ ରାତିରେ ସେଠାରେ ତାଙ୍କର ଦେହାନ୍ତ ହୋଇଥିଲା । ଚିକିତ୍ସା ଅବହେଳାରୁ ରାଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ମୃତକଙ୍କ ଜ୍ୱାଇଁ ବିନାୟକ ରଥ ଅଭିଯୋଗ କରିଛନ୍ତି । କାରଣ ଉକ୍ତ ଡାକ୍ତରଖାନାରେ ରାତ୍ରକାଳୀନ ଚିକିତ୍ସା ନିମନ୍ତେ ଡାକ୍ତର ରହୁ ନାହାନ୍ତି । ରାତି ୯ଟାରେ ରୋଗୀ ଭଲ ଥିଲା ଓ କଥାବାର୍ତ୍ତା କରୁଥିବା ବେଳେ ହଠାତ ବିଳମ୍ବିତ ରାତିରେ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱାକ୍ଷର କରିବାକୁ କହିଥିବା ସେ ସୂଚନା ଦେଇଛନ୍ତି । ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ସ୍ଥାନୀୟ ଲୋକେ ମୃତ ରାଜେନ୍ଦ୍ରଙ୍କ ଶେଷ ଦର୍ଶନ କରିଥିଲେ । ମୃତଦେହକୁ ଋଷିକୁଲ୍ୟା ସ୍ଥିତ ଶ୍ମଶାନକୁ ନିଆଯାଇଥିଲା । ସେଠାରେ ରାଜେନ୍ଦ୍ରଙ୍କ ନିଶ୍ୱାସ ପ୍ରଶ୍ୱାସ ଚାଲୁଥିବା ଓ ଜୀବିତ ଥିବା ସନ୍ଦେହ କରି ପୁଣି ଛତ୍ରପୁର ମେଡିକାଲ ଅଣାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାଜେନ୍ଦ୍ର ଜୀବିତ ଥିବା ଖବର ପ୍ରଚାରିତ ହେବା ପରେ ତାଙ୍କ ସ୍ତ୍ରୀ ସୁଜାତା ସ୍ୱାମୀ ବଞ୍ଚି ଯାଇଥିବା ନେଇ ଗଡ଼ି ଗଡ଼ି ନୃସିଂହ ମନ୍ଦିର ଭିତରେ ଦୀପ ଜାଳିଥିଲେ । କିନ୍ତୁ ଡାକ୍ତର ମୃତ ଘୋଷଣା ପରେ ସେ ପୁଣି ସଂଜ୍ଞାହୀନ ହୋଇପଡ଼ିଥିଲେ । ଏକମାତ୍ର ପୁଅକୁ ହରାଇ ବାପା ଗଣେଶ ରଥ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ପୁରୋହିତଙ୍କ ଏକ ମାତ୍ର ପୁଅ ଚନ୍ଦନ ମୁଖାଗ୍ନି ଦେଇଥିଲେ ।

### ଫୋନ୍ ପେ' ନକଲି ସ୍କ୍ରିନ୍‌ସଟ୍ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ

# ଗିରଫ ପରେ ଡେମୋ ଦେଖାଇଲା ଅଭିଯୁକ୍ତ

ଛତ୍ରପୁର,୧୬ ।୧୨(ସମିସ): ବ୍ୟବସାୟୀଙ୍କୁ ଲକ୍ଷାଧିକ ଟଙ୍କାର ଚୂନ ଲଗାଇଥିବା ଠକକୁ ପୁଲିସ କାବୁ କରିବା ପରେ ସେ କିପରି ଠକୁଥିଲା ତାହାର ଡେମୋ ଦେଖାଇଛି । ଗିରଫ ଜଣକ ହେଲେ ବ୍ରହ୍ମପୁର ସଦର ଥାନା ଅଧିନ ପାଣ୍ଡିଆଖୋଲି ଅଞ୍ଚଳର ବିନୋଦ ଚନ୍ଦ୍ର ଜେନାଙ୍କ ପୁଅ ନଳିନୀକାନ୍ତ ଜେନା(୨୪) । ନଳିନୀ ଗୋପାଳପୁର ଆର୍ମି ପବ୍ଲିକ ସ୍କୁଲରେ କୋଠ କାମ ଠିକା ନେଇଥିବା କହି ଛତ୍ରପୁର ଡିଆର୍‌ଡିଏ ଜାତୀୟ ରାଜପଥ ନିକଟସ୍ଥ ମା'ସନ୍ତୋଷୀ ଟ୍ରେଡର୍ସର ମାଲିକ ସିଦ୍ଧାର୍ଥଙ୍କ ସହ ପରିଚୟ ହୋଇ ଫୋନ୍ ଯୋଗେ ଅର୍ଡର ଦେଇଥିଲା । ଏହାପରେ ପ୍ରାୟ ୯୧ ହଜାର ୩ଶହ ଟଙ୍କାର ବିଭିନ୍ନ ସାମଗ୍ରୀ କିଣିଥିଲେ । ସେଗୁଡିକ ଆର୍ମି ପବ୍ଲିକ ସ୍କୁଲ ନିକଟକୁ ଆଣିବାକୁ ସିଦ୍ଧାର୍ଥଙ୍କୁ ଫୋନ ଯୋଗେ ନଳିନୀ କହିଥିଲେ । ବ୍ୟବସାୟୀ ଜଣକ ଚଳିତ ମାସ ୧୪ ତାରିଖରେ ସାମଗ୍ରୀ ସେଠାକୁ ନେଇଥିଲେ । ପରେ ଉକ୍ତ ସାମଗ୍ରୀ ଗୁଡ଼ିକୁ ନଳିନୀ ହିଞ୍ଜିଳିକୁ ନେଇଯାଇଥିଲେ । ନଳିନୀ ଏ ବାବଦରେ ୯୧ ହଜାର ୩ଶହ ଟଙ୍କା ଫୋନ ପେ'ରେ ଦେଇଥିବା ସ୍କ୍ରିନ୍ ସଟ୍ ବ୍ୟବସାୟୀଙ୍କୁ ପଠାଇଥିଲେ । କିନ୍ତୁ ବ୍ୟବସାୟୀ ଜଣକ ଆକାଉଣ୍ଟ ଯାଞ୍ଚ କରିବା ପରେ ଟଙ୍କା ଆସିନଥିବା କହିଥିଲେ । ଅଭିଯୁକ୍ତ ନଳିନୀ ବ୍ୟାଙ୍କ ସରଭର ଡାଉନ



ଥିବ ପରେ ଆସିବ କହିଥିଲେ । ପରେ ପୁଣି ଆହୁରି ଅଧିକ ସାମଗ୍ରୀ ଆବଶ୍ୟକ କହିବା ସହ ଆର୍ମି ପବ୍ଲିକ ସ୍କୁଲ ନାମ ଥିବା ଆକ୍ସିସ ବ୍ୟାଙ୍କର ୪ ଲକ୍ଷ ୩୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଏହି ଚେକ ଦୁଇ ଦିନ ପରେ ଲଗାଇବ ଏବଂ ପରେ ସାମଗ୍ରୀ ଦେବ କହିଥିଲା । ଦୁଇ ଦିନ ପରେ ଟଙ୍କା ଖାତାକୁ ନଆସିବାରୁ ବ୍ୟାଙ୍କ ଯାଇ ସିଦ୍ଧାର୍ଥ ଏହା ନକଲି ବୋଲି ଜାଣିପାରିଲେ । ପରେ ଏନେଇ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ । ମାମଲା ରୁଜୁ କରି ଛତ୍ରପୁର ଥାନା ଅଧିକାରୀ ନଳିନୀକୁ ପୁକୁଡିବନ୍ଧ ଛକ ନିକଟରୁ ଗିରଫ କରିଥିଲେ । ପରେ ତାକୁ ଥାନାକୁ ଆଣି ଜେରା ପରେ ସେ କିପରି ଠକୁଥିଲା ଡେମୋ ଦେଖାଇଥିଲା । ପୁଲିସ ଅଧିକ ଖୋଲତାଡ଼ କରିବା ପରେ ସେ ବହୁ ବ୍ୟବସାୟୀଙ୍କୁ ଠକିଥିବା ଥାନା ଅଧିକାରୀ ସବ୍ୟସାଚି ମଲ୍ଲ କହିଛନ୍ତି । ପୁଲିସ ୩ଟି ନକଲି ଚେକ ମଧ୍ୟ ଜବତ କରିଛି ।

ନଳିନୀ ପୁକୁଡିବନ୍ଧ ଛକ ନିକଟରେ ଥିବା ଆୟୁଷ ଟ୍ରେଡର୍ସ ମାଲିକଙ୍କଠାରୁ ମଧ୍ୟ ୬ ଲକ୍ଷ ୧୫ ହଜାର ଟଙ୍କା ଠକିଥିବା ଚମାଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ପଥରା ଗ୍ରାମର ନିରୋଦ କୁମାର ଦାସ ପୁକୁଡିବନ୍ଧ ଛକ ନିକଟରେ ଲୁହା ଓ ଷ୍ଟିଲ ସାମଗ୍ରୀ ଦୋକାନ କରିଛନ୍ତି । ନଳିନୀ ତାଙ୍କ ଠାରୁ ୫ ଥର ସାମଗ୍ରୀ ନେଇଥିବା ନିରୋଦ କହିଛନ୍ତି । ୫ ଥରରେ ୬ଲକ୍ଷ ୧୫ ହଜାର ଟଙ୍କାର ସାମଗ୍ରୀ ନେବା ସହ ତାଙ୍କୁ ମଧ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାର ନକଲି ଚେକ ଓ ଫୋନ ପେ'ରେ ୯୫ ହଜାର ଟଙ୍କାର ନକଲି ସ୍କ୍ରିନ ସଟ୍ ପଠାଇଥିଲେ । ଏପରିକି ଆହୁରି ସାମଗ୍ରୀ ଆବଶ୍ୟକ ବୋଲି ଅର୍ଡର ମଧ୍ୟ ଦେଇଥିଲେ । କିନ୍ତୁ ବ୍ୟବସାୟୀ ଜଣକ ଟଙ୍କା ମାଗିଥିଲେ । ପରେ ବ୍ୟବସାୟୀ ଜଣକ ଏହା ସବୁ ନକଲି ଜାଣିବାପରେ ଚମାଖଣ୍ଡି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ତେବେ ଅଭିଯୁକ୍ତ ନଳିନୀକାନ୍ତ ଏହି ଦୁଇ ବ୍ୟବସାୟୀଙ୍କୁ ଠକିଛନ୍ତି ନା ଆଉ କାହାକୁ ଠକିଛନ୍ତି ସେନେଇ ପୁଲିସ ଅଧିକ ଖୋଲତାଡ଼ କରୁଛି ।

## ଜଗନ୍ନାଥ ମନ୍ଦିରରେ ପହିଲି ଭୋଗ ନୀତି



କୁକୁଡ଼ାଖଣ୍ଡି,୧୬ ।୧୨(ସମିସ): ଜଗନ୍ନାଥଙ୍କ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ । ଏହି କ୍ରମରେ ଧନୁ ସଂକ୍ରାନ୍ତି ଠାରୁ ବିଭିନ୍ନ ମନ୍ଦିର ମାନଙ୍କରେ ଦୀର୍ଘ ଏକ ମାସ ଅର୍ଥାତ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପହିଲି ଭୋଗ ନୀତି ଆରମ୍ଭ ହୋଇଥାଏ । ମଙ୍ଗଳବାର ଧନୁ ସଂକ୍ରାନ୍ତି ଅବସରରେ କୁକୁଡ଼ାଖଣ୍ଡି ରଥଚକଡ଼ା ସାହି ସ୍ଥିତ ଐତିହାସିକ ଜଗନ୍ନାଥ ମନ୍ଦିରରେ ମଧ୍ୟ ଠାକୁରଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ସେହିପରି ଧନୁ ସଂକ୍ରାନ୍ତିରେ ଠାକୁରଙ୍କୁ ଧନୁମୁଆଁ ମଧ୍ୟ ଲାଗି କରାଯାଇଛି । ପୂଜକ ବିଭୂନନ୍ଦନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସକାଳୁ ମଙ୍ଗଳ ଆଳତି ସହ ବିଭିନ୍ନ କାର୍ଯ୍ୟକ୍ରମ ଓ ଦେବନୀତି ଆରମ୍ଭ ହୋଇଥିଲା । ଏହାପରେ ପହିଲି ଭୋଗ ନୀତି ସରିଥିଲା ।

### ଷ୍ଟେସନ୍ ସମସ୍ୟା ସମାଧାନ ଦାବି

# ଜିଲ୍ଲାପାଳଙ୍କୁ ଭେଟିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ

ଛତ୍ରପୁର,୧୬ ।୧୨(ସମିସ): ଛତ୍ରପୁର ରେଳ ଷ୍ଟେସନର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଛତ୍ରପୁର ଶାଖା ଆଗକୁ ଆସିଛି । ଏନେଇ ସେମାନେ ପୃଥକ ଦାବିପତ୍ର ପ୍ରଦାନ କରିଛନ୍ତି । ମଙ୍ଗଳବାର ସଂଘର କର୍ମକର୍ତ୍ତା ଏବଂ ଆଗଧାଡିର ସଭ୍ୟମାନେ



ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଏଥିସହିତ ସ୍ଥାନୀୟ ଷ୍ଟେସନ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇ ତୁରନ୍ତ ଏହାର ସମାଧାନ ନିମନ୍ତେ ଅନୁରୋଧ କରାଯାଇଥିଲା । ପ୍ଲାଟଫର୍ମ ବାହାରେ ରେଳ ବଗି ଗୁଡିକ ରହୁଥିବାରୁ ପ୍ଲାଟଫର୍ମର ବର୍ଦ୍ଧନ, ଷ୍ଟେସନଠାରୁ ପ୍ଲାଟଫର୍ମକୁ ଯିବା ପାଇଁ ପୂର୍ବରୁ ରହିଥିବା ର୍‌ୟାମ୍ପକୁ ଉନ୍ନତିକରଣ ପାଇଁ ଭଙ୍ଗା ହୋଇଥିବାରୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହାର ତୁରନ୍ତ ନିର୍ମାଣ, ଛତ୍ରପୁର ଗଞ୍ଜାମ ଜିଲ୍ଲାର ସଦରମହକୁମା ହୋଇଥିବାରୁ ଓ ବହୁଦିନର ଦାବି ଥିବା ଫାଲକନାମା ଟ୍ରେନ୍ ରହଣି ଏବଂ ବନ୍ଦେ ଭାରତ ଟ୍ରେନ୍ ରହଣି ତଥା ଛତ୍ରପୁର କୋର୍ଟ ହଲ୍ଟଠାରେ ପ୍ଲାଟଫର୍ମର ବର୍ଦ୍ଧନ ଭଳି ବିଭିନ୍ନ ଦାବି ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଅନୁଷ୍ଠାନର ସଭାପତି ସୁରେନ୍ଦ୍ର ପାଢ଼ୀ, ଉପସଭାପତି ଡ଼ଃ ପ୍ରଶାନ୍ତ ଶତପଥୀ, କାର୍ଯ୍ୟକାରୀ ସଭାପତି କିଶୋର ପାଢ଼ୀ, ସମ୍ପାଦକ ସୋମନାଥ ସାହୁ, ଜି. ପାପାରାଓ, ଜି. ସେସୁ ରେଡ୍ଡୀ, ଭାସ୍କର ବେହେରା, ଦଣ୍ଡପାଣି ରାଉଳ, ପୂର୍ଣ୍ଣ ସାହୁ, ବିଜୟ ରାଉଳ ଘନ ବେହେରା, ନିରଞ୍ଜନ ବେହେରା, ବିଜୟ ସାହୁ, ବିଜୟ ବେହେରାଙ୍କ ସହିତ ଅନେକ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ ।

# ଆଜି ଶାଶ୍ୱତୀ ନାଟ୍ୟସଂସ୍ଥା ପକ୍ଷରୁ ବହୁଭାଷୀ ନାଟକ ଉତ୍ସବ

ବ୍ରହ୍ମପୁର,୧୬।୧୨(ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦ କବିସୂର୍ଯ୍ୟ ରଙ୍ଗମଞ୍ଚରେ "ଶାଶ୍ୱତୀ' ନାଟ୍ୟସଂସ୍ଥା ପକ୍ଷରୁ ବହୁଭାଷୀ ନାଟକ ଉତ୍ସବ ଚଳିତ ମାସ ୧୭ରୁ ୨୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ନାଟ୍ୟସଂସ୍ଥା ପକ୍ଷରୁ ଚଳିତବର୍ଷ ଓଡ଼ିଆ, ହିନ୍ଦୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ନାଟକ ମଞ୍ଚସ୍ଥ କରାଯିବ । ଦୈନିକ ୨ଟି ନାଟକ ପରିବେଷଣ କରାଯିବ ବୋଲି ସଂସ୍ଥାର ସଭାପତି ରାମଚନ୍ଦ୍ର ସାସମଲ ସୂଚନା ଦେଇଛନ୍ତି । ୧୭ତାରିଖ ପ୍ରଥମ ରଜନୀରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ମଞ୍ଜୁଷା ଅଞ୍ଚଳର ସୁହାନୀ କ୍ରିଏସନ୍ ଦ୍ୱାରା ସୀମାନ୍ତ ନଟରାଜ ଡାକ୍ତର ତିରୁପତି ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ ତେଲୁଗୁ ଭାଷା ନାଟକ "କାନ୍ନୀଟି ବ୍ରାତୁକୁ' ମଞ୍ଚସ୍ଥ ହେବାକୁ ଥିବା ବେଳେ ଦ୍ୱିତୀୟ ନାଟକ ରାଉରକେଲା ସାରନା ନବଯୁବକ ସଂଘ ପକ୍ଷରୁ ପ୍ରଦୀପ କୁମାର ପଣ୍ଡାଙ୍କ ରଚନା ଓ ନିର୍ଦ୍ଦେଶିତ ଓଡ଼ିଆ ନାଟକ "ଚନ୍ଦ୍ରାଦିତ୍ୟ' ପରିବେଷଣ ହେବ । ସେହିପରି ଦ୍ୱିତୀୟ ରଜନୀରେ ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟସଂସ୍ଥାର ନିଜସ୍ୱ ନାଟକ "ମୁରବି' ପରିବେଷଣ ହେବାକୁ ଥିବାବେଳେ ଏହାକୁ ରବି ନାରାୟଣ ବେହେରା ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି । ପରେ ପଶ୍ଚିମବଙ୍ଗ ସମ ଯାତ୍ରୀକ ନାଟ୍ୟ ସଂସ୍ଥାର ବଙ୍ଗଳା ଭାଷାର ନାଟକ "ସମ୍ପର୍କ' ଏବଂ ତୃତୀୟ ରଜନୀରେ ପୁରୀ ନୀଳାଦ୍ରି ଥିଏଟର ପକ୍ଷରୁ ସ୍ୱର୍ଗତ କୈଳାଶ ଶତପଥୀଙ୍କ ରଚିତ ଓ ବିରଞ୍ଚି ଜଗଦେବ ରାୟଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ "କାୟାକଳ୍ପ' ପରିବେଷଣ ହେବ । ପରେ ଡ୍ରାମାଟିକ ଏସୋସିଏସନ୍ ଅଫ ଟାଟା ଏମ୍ପ୍ଲୟିଜ ଦ୍ୱାରା ହିନ୍ଦୀ ନାଟକ "ଲାହୋର ନେହିଁ ମଞ୍ଚସ୍ଥ ହେବାକୁ ଯାଉଛି ।

### ଗାଁ ଲୋକଙ୍କୁ ଯୁବକଙ୍କ ଦୁର୍ବ୍ୟବହାର

## ଥାନା ଅଧିକାରୀଙ୍କୁ ଭେଟିଲେ ଗ୍ରାମବାସୀ



କୁକୁଡାଖଣ୍ଡି,୧୬ ।୧୨(ସମିସ): କୁକୁଡ଼ାଖଣ୍ଡି ରଜକ ସମାଜର ବହୁ ସଦସ୍ୟ ମଙ୍ଗଳବାର ଅଙ୍କୁଶପୁର ସ୍ଥିତ ସଦର ଥାନାରେ ସେମାନଙ୍କ ସୁରକ୍ଷା ଦାବି କରିଛନ୍ତି । ଆଙ୍କୁଶପୁରର ଜଣେ ଯୁବକ ସୋମବାର ରାତିରେ ରଜକ ସମାଜର ସମ୍ପାଦକଙ୍କ ଘରକୁ ଯାଇ ଆକ୍ରମଣ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ କେନ୍ଦ୍ର କରି ମଙ୍ଗଳବାର ରଜକ ସମାଜର ବହୁ ବରିଷ୍ଠ ସଦସ୍ୟ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଯୁବକକୁ ତୁରନ୍ତ ଗିରଫ ଓ କଠୋର ପଦକ୍ଷେପ ନେବାକୁ ସମାଜ ପକ୍ଷରୁ ଦାବି ହୋଇଛି । ଘଟଣା ସମ୍ପର୍କରେ ସଦର ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

### କାମରେ ଲାଗୁନି ଏମ୍‌ସିସି ସେଣ୍ଟର

## ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା

କୁକୁଡ଼ାଖଣ୍ଡି,୧୬ ।୧୨(ସମିସ): ବାଟ ହୁଡିଲାଣି କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଯୋଜନା ଆଜି ବି ରାସ୍ତାପାଶ୍ୱର୍ରେ କୁଢ଼ କୁଢ଼ ଆଜର୍ବନା ଦୀର୍ଘଦିନ ଧରି ପଡ଼ିରହୁଛି । ଏଭଳି ଘଟଣା ଦେଖିବାକୁ ମିଳିଛି କୁକୁଡ଼ାଖଣ୍ଡି ପଞ୍ଚାୟତ ମୁଖ୍ୟରାସ୍ତାରେ । ପଞ୍ଚାୟତର ଆବର୍ଜନା ସଫା କରିବାକୁ କୁକୁଡ଼ାଖଣ୍ଡି ବ୍ଲକରେ ୨୦୨୨-୨୩ ଆର୍ଥିକ ବର୍ଷରେ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନିର୍ମାଣ ହୋଇଥିଲା । ହେଲେ ଏବେ ଏହା ଅକାମୀ ହୋଇ ଦୀର୍ଘଦିନ ହେଲା ପଡ଼ିରହିଛି । ଏହାକୁ ନେଇ



କିଛିଦିନ ତଳେ 'ସକାଳ' ଖବର କାଗଜରେ ଖବର ପ୍ରକାଶ ହୋଇଥିଲା । ଖବର ପ୍ରକାଶ ପରେ ପଞ୍ଚାୟତ କର୍ତ୍ତୃପକ୍ଷ କିଛିଦିନ ପାଇଁ ଅଳିଆ ସଫା କରିଥିଲେ । ହେଲେ ତାହା ଲୋକ ଦେଖାଣିଆ ଥିଲା । କାରଣ କିଛି ଦିନ ପରେ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ପୁନର୍ବାର ରାସ୍ତାର ଉଭୟ ପାଶ୍ୱର୍ରେ କୁଢ଼ କୁଢ଼ ଆବର୍ଜନା ପଡ଼ିରହୁଛି । ରାସ୍ତା କଡ଼ରେ ଦୀର୍ଘଦିନ ଧରି ଆବର୍ଜନା ପଡ଼ି ରହୁଥିବାରୁ ସେଗୁଡ଼ିକ ବୁଲା ଗାଈଗୋରୁ ଖାଇ ବିଭିନ୍ନ ରୋଗରେ ପଡୁଥିବା ଅଭିଯୋଗ ହେଉଛି । ସେହିପରି ପଥଚାରୀମାନେ ଗଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ବ୍ରହ୍ମପୁର କଳାକାର ଏକତା ମଞ୍ଚର ସମ୍ବର୍ଦ୍ଧନା ସଭା



ବ୍ରହ୍ମପୁର,୧୬।୧୨(ସମିସ): ବ୍ରହ୍ମପୁର କଳାକାର ଏକତା ମଞ୍ଚ ପକ୍ଷରୁ ସଂଗଠନର ସଭା ଗୃହରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ମଞ୍ଚର ସଭାପତି ଅନୀଲ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଇଂ. ଯାମିନୀକାନ୍ତ ଦାସ ଯୋଗଦେଇ ଶୁଭାରମ୍ଭ କରିଥିଲେ । ସଂଘର ସମ୍ପାଦକ ରାଜ ଗୋପାଳ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଓଡିଶା ନାଟ୍ୟ ସଂଘର ଦକ୍ଷିଣାଞ୍ଚଳ ଉପସଭାପତି ଭବାନୀ ଶଙ୍କର ମିଶ୍ର ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ "ରୂପାୟନ' ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ରଙ୍କ ସମେତ ଜିଲ୍ଲାର ବହୁ କଳାକାରଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟ ଉତ୍ସବରେ ମଞ୍ଚର ଉପସଭାପତି ରାମଚନ୍ଦ୍ର ସାସମଲ ଓ ଯୁଗ୍ମ ସମ୍ପାଦକ ସୋମନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୨୩ରୁ ଜିଲ୍ଲାରେ ଖୋଲିବ ଧାନମଣ୍ଡି

ଛତ୍ରପୁର,୧୬ ।୧୨(ସମିସ): ହିଞ୍ଜିଳିକାଟୁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଦୁଇଟି ସଚେତନତା ରଥର ଶୁଭାରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଛତ୍ରପୁର ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ଶିବାଶିଷ ବରାଳ ସବୁଜ ପତାକା ଦେଖାଇ ଉକ୍ତ ଦୁଇ ରଥର ଶୁଭାରମ୍ଭ କରିଛନ୍ତି । ଆସନ୍ତା ୨୩ ତାରିଖରୁ ଧାନମଣ୍ଡି

## ଶୁଭାରମ୍ଭ ହେଲା ଦୁଇ ସଚେତନତା ରଥ

ଖୋଲିବ । ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପଞ୍ଜିକୃତ ଚାଷୀଙ୍କଠାରୁ ଚଳିତ ଖରିଫ ୨୦୨୫ - ୨୬ର ମଣ୍ଡିରୁ ଧାନ ସଂଗ୍ରହ ହେବ । ଚଳିତ ବର୍ଷ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନପୁଟ୍ ସହାୟତା ମିଶାଇ କ୍ୱିଣ୍ଟାଲ ପିଛା ଚାଷୀ ୩୧୦୦ ଟଙ୍କା ପାଇବେ । ସଚେତନ ରଥ ଜରିଆରେ ଚାଷୀଙ୍କୁ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର,ଏକ କିସମ



ହୋଇଥିବା ସହ ପୋକରା ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବା ଧାନ ଧରି ଆଣିବା ନେଇ ସଚେତନ କରାଯିବ । ଚଳିତ ବର୍ଷ ମାଣ୍ଡିଆ କୁଇଣ୍ଟାଲ ପିଛା ଏମଏସପି ୪୮୮୬ ଟଙ୍କା ରହିଛି । ଜିଲ୍ଲାର ୧୧ଟି ବ୍ଲକରୁ ପଞ୍ଜିକରଣ ଚାଷୀଙ୍କ ଠାରୁ ମାଣ୍ଡିଆ କ୍ରୟ କରାଯିବ । ଆସନ୍ତା ୨୬ ତାରିଖ ଠାରୁ ମାଣ୍ଡିଆ ମଣ୍ଡି ଆରମ୍ଭ ହେବ । ଏହିଥର ୩୬ ହଜାର କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି । ଏନେଇ ଜିଲ୍ଲାସ୍ତରୀୟ ମାଣ୍ଡିଆ କ୍ରୟ କମିଟିରେ ବିଭିନ୍ନ ଉପରେ ସମୀକ୍ଷା କରାଯାଇଛି । ମଣ୍ଡିରେ ଚାଷୀଙ୍କୁ ଯେପରି କୌଣସି ଅସୁବିଧା ହେବନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ମଧ୍ୟ ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଇନ୍‌ଚାର୍ଜ ଏଆର୍‌ସିଏସ ଏସ.କେ ମହାରଣା, ହିଞ୍ଜିଳିକାଟୁ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ବିନାୟକ ବିଶ୍ୱାଳଙ୍କ ସମେତ ଯୋଗାଣ ଏବଂ ଆରଏମସି ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଇଡିଏକୁ ଅଗ୍ରୀମ ଦେଇ ହନ୍ତସନ୍ତ ଆଶାୟୀ

ବ୍ରହ୍ମପୁର,୧୬।୧୨(ସମିସ):

ଘରୋଇ ବିଲ୍ଡର ସଂସ୍ଥା ଠାରୁ ଜମି ଠକେଇ କିଛି ନୂଆ ନୁହେଁ । ତେବେ ସରକାରୀ ସଂସ୍ଥା ଦ୍ୱାରା ସାଧାରଣ ଜନତା ଯେ ବର୍ଷ ବର୍ଷ ଧରି ହଇରାଣର ଶୀକାର ହେବେ ଏହା କେହି କେବେ କଳ୍ପନା କରିନଥିବ । ଏଭଳି ଘଟଣା ଘଟିଛି ଖୋଦ୍ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ କ୍ଷେତ୍ରରେ । ୨୦୦୭ମସିହାରେ ଆମ୍ବପୁଆ



- ଶତକଡା ୫୦ପ୍ରତିଶତ ଅର୍ଥ ପୈଠ ସତ୍ତ୍ୱେ ମିଳୁନି ଆଲଟମେଣ୍ଟ
- ସମାଧାନ ପାଇଁ ବିଇଡିଏ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ କ୍ଷତିଗ୍ରସ୍ତ
- 'ରେରା' ଅନୁମୋଦନକୁ ଅପେକ୍ଷା: ସଚିବ

ଠାରେ ବିବେକ ବିହାର ଫେଜ-୨ ପ୍ଲଟିଂ ସ୍କିମ ଆରମ୍ଭ କରିଥିଲା ବିଇଡିଏ । ୧୦୦ଜଣ ଗ୍ରାହକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପରେ ୧୨୦ଜଣ ଆଗ୍ରହୀ ଆବେଦନ କରିଥିଲେ । ସେଥିମଧ୍ୟରୁ ୧୦୦ଜଣଙ୍କୁ ଚିହ୍ନଟ କରାଯାଇଥିଲା । ଏବଂ ସ୍କିମ ଅନୁଯାୟୀ ପ୍ରତ୍ୟେକଙ୍କୁ ୨୪୦୦ବର୍ଗଫୁଟର ଜମିରେ ୧୮ଶହ ବର୍ଗଫୁଟ ଜମିରେ ଗୃହନିର୍ମାଣ କରି ଯୋଗାଇ ଦେବାକୁ କୁହାଯାଇଥିବା ବେଳେ ଏହାର ମୂଲ୍ୟ ୮ଲକ୍ଷ ୮୦ହଜାର ରଖାଯାଇଥିଲା । ପ୍ରଥମ କିସ୍ତିରେ ଗ୍ରାହକଙ୍କୁ ୨ଲକ୍ଷ ୨୦ହଜାର ଅଗ୍ରୀମ ଦେବାକୁ ପଡିଥିଲା । ବିଭିନ୍ନ କାରଣରୁ ପ୍ରକଳ୍ପରେ ବିଳମ୍ବ ଯୋଗୁ ଜମି ସହିତ ଗୃହନିର୍ମାଣ ସାମଗ୍ରୀର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଥିଲା । ପରବର୍ତ୍ତି ସମୟରେ ଅର୍ଥାତ୍ ୨୦୧୩ରେ ବିଇଡିଏ ପକ୍ଷରୁ ଘର ନିର୍ମାଣ ନକରି କେବଳ ଜମି ପ୍ରଦାନ କରାଯିବ ବୋଲି କୁହାଯାଇଥିଲା । ଫଳରେ ପୂର୍ବ ନିର୍ଦ୍ଧାରିତ ମୂଲ୍ୟରେ ଗୃହ ଯୋଗାଇବା ସମ୍ଭବପର ନୁହେଁ ବୋଲି ଦର୍ଶାଇ ଉକ୍ତ ପ୍ରକଳ୍ପ ବା ସ୍କିମ ପାଇଁ ବିଇଡିଏ ପକ୍ଷରୁ ନୂତନ ବା ବର୍ଦ୍ଧିତ ମୂଲ୍ୟ ୧୯ଲକ୍ଷ ଧାର୍ଯ୍ୟ କରାଯାଇଥିଲା । ଯାହାକୁ ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ତେବେ ଅଦାଲତର ରାୟ ବିଇଡିଏ ସପକ୍ଷରେ ଯିବାପରେ ବିଇଡିଏ ଦ୍ୱାରା ଧାର୍ଯ୍ୟ ଦରରେ ଜମି ଗ୍ରହଣ କରିବାକୁ ସହମତି ପ୍ରକାଶ କରି ସମସ୍ତ ଗ୍ରାହକ ପର୍ଯ୍ୟାୟ କ୍ରମେ ଦୁଇଟି କିସ୍ତିରେ ଯଥାକ୍ରମେ ୬ଲକ୍ଷ ୬୦ହଜାର ଏବଂ ୫ଲକ୍ଷ ଏହିଭଳି ବର୍ତ୍ତମାନ ସୁଦ୍ଧା ମୋଟ ୧୩ଲକ୍ଷ ୮୦ହଜାର ଟଙ୍କା ପୈଠ କରିସାରିଥିବା କହିଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ଗ୍ରାହକଙ୍କୁ ୨୪ଶହ ବର୍ଗଫୁଟ ଜମି ସ୍ଥାନରେ ମାତ୍ର ୧୫ଶହ ବର୍ଗଫୁଟର ଜମି ମିଳିବାକୁ ଥିବା ବେଳେ ଏଥିପାଇଁ ସେମାନଙ୍କୁ ପ୍ରତି ବର୍ଗଫୁଟକୁ ୧୮୪୧ଟଙ୍କା ହିସାବରେ ମୋଟ ୨୭ଲକ୍ଷ ୬୧ହଜାର ୫ଶହ ଟଙ୍କା ଦେବାକୁ ପଡିବ । ଅର୍ଥାତ୍ ୨୦୦୭ମସିହାରେ ୨୪୦୦ବର୍ଗ ଫୁଟ ଜମିରେ ୧୮ଶହ ବର୍ଗଫୁଟର ଗୃହନିର୍ମାଣ କରି ଲୋକଙ୍କୁ ଯୋଗାଇବାକୁ ବିଇଡିଏ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ବର୍ତ୍ତମାନ ୧୮ବର୍ଷ ପରେ ସେଥିରୁ କେବଳ ୧୫ଶହ ବର୍ଗଫୁଟର ଜମି ପାଇଁ ପ୍ରତ୍ୟେକଙ୍କୁ ୨୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେବାକୁ ପଡୁଛି । ତେବେ ସବୁଠାରୁ ବଡ଼କଥା ହେଲା ଏଥିପାଇଁ ମଧ୍ୟ ସମସ୍ତ ୧୦୦ଜଣ ଗ୍ରାହକ ରାଜି ହୋଇ ଜମିର ମୋଟ ମୂଲ୍ୟର ଶତକଡା ୫୦ପ୍ରତିଶତ ମୂଲ୍ୟ ବିଇଡିଏକୁ ପ୍ରଦାନ କରି ସାରିଥିଲେ ହେଁ ସେମାନଙ୍କୁ ପ୍ରତିବଦଳରେ ଆଲଟମେଣ୍ଟ ଲେଟର ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି । ଏନେଇ ସମ୍ପୃକ୍ତ କ୍ଷତିଗ୍ରସ୍ତ ଗ୍ରାହକମାନେ ବାରମ୍ବାର ବିଇଡିଏ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ସେମାନଙ୍କ ଅସନ୍ତୋଷ ଜାହିର କରିବା ସହ ତୁରନ୍ତ ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି । ମଙ୍ଗଳବାର ମଧ୍ୟ ଅନୁରୂପ ଭାବେ କ୍ଷତିଗ୍ରସ୍ତ ଗ୍ରାହକଙ୍କ ପ୍ରତିନିଧିମାନେ ବିଇଡିଏ ସଚିବ ରମେଶ ହାଂସଦାଙ୍କୁ ସାକ୍ଷାତ କରି ଦାବି ଜଣାଇଥିଲେ । ବିଇଡିଏ ପକ୍ଷରୁ ବିବେକ ବିହାର ଫେଜ-୨ ସ୍କିମର କିଭଳି ତୁରନ୍ତ ସମାଧାନ ହେବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି ବିଇଡିଏ ସଚିବ । ଏହି ସ୍କିମ ୨୦୦୭ମସିହାର ହୋଇଥିଲେ ହେଁ ଏଥିପାଇଁ 'ରେରା' ଅନୁମୋଦନ ଜରୁରୀ ହୋଇଛି । ଏଥିପାଇଁ ଆବଶ୍ୟକ ବିଭିନ୍ନ ଦଲିଲ ଓ ନଥିପତ୍ର ଯୋଗାଡରେ ବିଳମ୍ବ ହୋଇଛି । ସମସ୍ତ ନଥିପତ୍ର ଯୋଗାଡ ସରିଛି ଏବଂ ଖୁବ୍‌ଶୀଘ୍ର ଲୋକଙ୍କୁ ସେମାନଙ୍କ ଦାବି ମୁତାବକ ଆଲଟମେଣ୍ଟ ପେପର ପ୍ରଦାନ କରାଯିବ ବୋଲି ସଚିବ ଶ୍ରୀ ହାଂସଦା କହିଛନ୍ତି ।

## ଅଧିକାରୀଙ୍କ ଉପସ୍ଥାପନା ଜଗିବ ଆପ୍

ଛତ୍ରପୁର,୧୬ ।୧୨(ସମିସ): ଏଣିକି ଅଧିକାରୀଙ୍କ ଉପସ୍ଥାପନା ଜଗିବ ଆପ୍ । ଏହା ଗଞ୍ଜାମ ଜିଲ୍ଲାରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ । ଏନେଇ ସୂଚନା ଦେଇଛନ୍ତି ଖୋଦ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଲୋକଙ୍କ ଅଭିଯୋଗକୁ ଜିଲ୍ଲାପାଳ ପ୍ରାଧାନ୍ୟ ଦେଇ ଜିଲ୍ଲାର ସମସ୍ତ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଫଳରେ ଲୋକମାନେ ନିଜ ଅଞ୍ଚଳରେ ରହି ଅଧିକ ଖର୍ଚ୍ଚାନ୍ତ ନ ହୋଇ ସେମାନଙ୍କ ଅଭିଯୋଗ ଗୁଡିକ ଜନ ଅଭିଯୋଗ ଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନଙ୍କୁ ଜଣାଇବେ ଏବଂ ସମାଧାନ ହେବ, ମାତ୍ର କିଛି ବିଭାଗୀୟ ଅଧିକାରୀମାନେ ଏହାକୁ ଗୁରୁତ୍ୱ ନ ଦେଇ ଜନ ଅଭିଯୋଗ ଶୁଣାଣିରେ ଅନୁପସ୍ଥିତ ରହୁଛନ୍ତି । ଏହା ସହିତ କିଛି ଅଧିକାରୀମାନେ ତଳତଳିଆ ଅଧିକାରୀଙ୍କୁ ପଠାଇ ନିଜ ଦାୟିତ୍ୱ ତୁଲାଇ ଦେଉଛନ୍ତି । ଫଳରେ ଲୋକଙ୍କ ଅଭିଯୋଗ ଗୁଡିକର ସମାଧାନ କରିବାରେ ସମସ୍ୟା ସୃଷ୍ଟି ହେଉଛି । ଏଣୁ ଆଗାମୀ ଦିନରେ ଅଭିଯୋଗ ଶୁଣାଣିରେ କେଉଁ ଅଧିକାରୀ ଯୋଗଦେଇଛନ୍ତି । ଆଉ କିଏ ଅନୁପସ୍ଥିତ ରହୁଛନ୍ତି ସେଥିପାଇଁ ଏକ ଆପ୍‌ର ସାହାଯ୍ୟ ନିଆଯିବ । ସେହି ଆପ ଯୋଗେ ସମସ୍ତଙ୍କ ଉପସ୍ଥାନ ଅପଲୋଡ଼ ହେବ, ଯାହା ଫଳରେ ସମସ୍ତେ ଉପସ୍ଥିତ ରହିଛନ୍ତି କି ନାହିଁ ତାହା ଜଣାପଡ଼ିବ ବୋଲି ଗଞ୍ଜାମ ଜିଲ୍ଲାପାଳ କହିଛନ୍ତି ।



# ରଷିକୁଲ୍ୟା ରୟତ ମହାସଭାର ଧାନକିଣା ସଚେତନତା



କୋଦଳା,୧୬ ।୧୨(ସମିସ): କୋଦଳା ସ୍ଥିତ ଦଣ୍ଡିଶ୍ୱର ମନ୍ଦିର ପରିସରରେ ରୁଷିକୁଲ୍ୟା ରୟତ ମହାସଭାର ଧାନମଣ୍ଡି ସମ୍ପର୍କିତ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଆବାହକ ବିଜୟ ସ୍ୱାଇଁଙ୍କ ସମେତ କୋଦଳା ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ । ବର୍ତ୍ତମାନ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଧାନ ଅମଳ ହୋଇସାରିଛି । ସରକାର ମଣ୍ଡି ମାଧ୍ୟମରେ କିପରି ସମସ୍ତ ଧାନ କିଣିବେ ସେ ନେଇ ସଚେତନ କରାଯିବା ସହ ପ୍ରତି ସୋସାଇଟିରେ ଗୋଟିଏ ଗୋଟିଏ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି । ଚାଷୀଙ୍କର ଧାନ କିଣା ସମସ୍ୟା ଓ ଫସଲ ବୀମା ସସସ୍ୟାର ସମାଧାନ ପାଇଁ ଶତାଧିକ ଚାଷୀ ଏକ ବିରାଟ ପଟୁଆରରେ କୋଦଳା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ଲିକୁ ପ୍ରଧାନ, ରାଜା ରଣା, ଅଜିତ୍ ମୁନୀ, ବସନ୍ତ ଭୂୟାଁ, ବଂଶୀଧର ପଳତା, ଅଚ୍ୟୁତ ଜେନା, ଶୁଭ ପ୍ରଧାନ, ଜୋହନ୍ ସ୍ୱାଇଁ, ନବ ସ୍ୱାଇଁ, ମନୋଜ ସାହୁ, ଭଗବାନ ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

# ମାର୍କଣ୍ଡୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ରଙ୍ଗେଇଲୁଣ୍ଡା,୧୬ ।୧୨(ସମିସ): ସ୍ଥାନୀୟ ମାର୍କଣୀ ହାଇସ୍କୁଲର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୋନାଲି ପାତ୍ରଙ୍କ ଦ୍ୱରା ଏହା ଉଦଘାଟନ ହୋଇଥିବା ବେଳେ ଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟ ଇ. ଆରୟା, ବିଦ୍ୟାଳୟ ସଭାପତି ଭୁବନ ବେହେରା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ । କ୍ରୀଡ଼ା ଶିକ୍ଷୟିତ୍ରୀ ଜୟନ୍ତୀ କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡ଼ା ଆୟୋଜନ କରାଯାଇଥିଲା । କ୍ରୀଡା ଉତ୍ସବରେ ୧୦୦ ମିଟର ଦୌଡ଼, ଦୀର୍ଘ ଲମ୍ଫ ଡିଆଁ, ଗୋଲା ଛଡ଼ା, ଖୋ-ଖୋ, କବାଡ଼ି ସହ ବିଭିନ୍ନ ପାରମ୍ପରିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉଦଯାପନ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଶିକ୍ଷକମାନେ କ୍ରୀଡା ମାଧ୍ୟମରେ ଶିକ୍ଷାର୍ଥୀଙ୍କ ଶାରିରୀକ ଓ ମାନସିକ ବିକାଶ ଉପରେ ଗୁରୁତ୍ୱ ଦେଇ ଉଦ୍‌ବୋଧନ ଦେଇଥିଲେ ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି

ବୁଗୁଡ଼ା,୧୫ ।୧୨(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ସଙ୍କୁରୁ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ବିଡ଼ିଓ ଦ୍ୱିତୀକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁନିଲ୍ କେରେକେଟା, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧ କେ.ନୀଳମାଧବ ଆଚାରୀ, ସରପଞ୍ଚ ସୁଶାନ୍ତ କୁମାର ରାଉତ, ଏବିଡିଓ ଧର୍ମରାଜ ପରିଡା, ତହସିଲଦାର ତାପସ ରାଉତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ସାହୁ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ଶୁଭ୍ରାଂଶୁ ଶେଖର ରାଉତ, ସିଡିପିଓ ବବିତା ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ୨୯ଟି ବ୍ୟକ୍ତିଗତ ଓ ୫ଟି ଗୋଷ୍ଠୀଗତ ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ୨୯ ବ୍ୟକ୍ତିଗତ ଅଭିଯୋଗର ସମାଧାନ ହୋଇଥିଲା ।

# ଆର୍‌ଏମସି ପଡ଼ିଆରେ ହେବ ଯନ୍ତ୍ରପାତି ମେଳା

ଭଞ୍ଜନଗର,୧୬ ।୧୨(ସମିସ): ଚଳିତ ମାସ ୧୮ ରୁ ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଷ୍ଟାଡ଼ିୟମ (ଜେଲ୍ ପଡ଼ିଆ) ପରିସରରେ ହେବାକୁ ଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ସ୍ଥାନ ପରିବର୍ତ୍ତନ ହୋଇଛି । ଜେଲ ପଡିଆ ପରିବର୍ତ୍ତେ ଯନ୍ତ୍ରପାତି ମେଳା ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି(ଆରଏମସି) ପଡିଆରେ ଏହା ଅନୁଷ୍ଠିତ ହେବ । ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଉପଜିଲ୍ଲାପାଳ ଉମା ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଉକ୍ତ ଯନ୍ତ୍ରପାତି ମେଳାରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଶ୍ରୀରଘୁନାଥ ସ୍ୱାମୀଙ୍କ ମନ୍ଦିରରେ ଧନୁ ସଂକ୍ରାନ୍ତି

ପୋଲସରା,୧୬ ।୧୨(ସମିସ): ଧନୁ ସଂକ୍ରାନ୍ତି ଅବସରରେ ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମରେ ଶ୍ରୀରଘୁନାଥ ସ୍ୱାମୀଙ୍କ ମନ୍ଦିରରେ ବିଶେଷ ନୀତିକାନ୍ତି ସହ ପହିଲି ଭୋଗ, ଧନୁ ମୁଆଁ ଭୋଗ ଓ ସୂର୍ଯ୍ୟ ପୂଜନ ସହ ଧାର୍ମିକ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଯୁବ ନେତା ଦୀପକ ପ୍ରଧାନ, ମନ୍ଦିର ଟ୍ରଷ୍ଟି ତଥା ଆଇନଜୀବୀ ପବିତ୍ର କୁମାର ନାୟକ, ସନ୍ତୋଷ ମାଝୀ, ଗଣମାଧ୍ୟମ ପ୍ରତିନିଧି ମନୋଜ କୁମାର ଘଡେଇ, ବବିତା ବେହେରା, ଦେବାଶିଷ ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

# ୪୩ ବର୍ଷ ପରେ ବି ଖାତା ଖତିଆନ ନାହିଁ — ସରକାରୀ ଜମିରୁ ଉଚ୍ଛେଦ କରିବାକୁ ଚକ୍ରାନ୍ତ

ଧରାକୋଟ,୧୬ ।୧୨(ସମିସ)




## ତହସିଲଦାରଙ୍କୁ ଗୁହାରି କଲେ ୯ ପରିବାର

ବାସହୀନ ଓ ଭୂମିହୀନଙ୍କ ପାଇଁ ସରକାର ବସୁନ୍ଧରା ଯୋଜନା କରିଛନ୍ତି । ହେଲେ ଧରାକୋଟ ତହସିଲ ଅଧିନରେ ରହିଥିବା ବହୁ ବାସହୀନ ପରିବାର ରାଜସ୍ୱ ବିଭାଗ କର୍ମଚାରୀଙ୍କ ଅସହଯୋଗ ଯୋଗୁ ଏହି ଯୋଜନାରେ ସାମିଲ ହୋଇପାରୁନାହାନ୍ତି । ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଧରାକୋଟ ତହସିଲ ଅନ୍ତର୍ଗତ ଜାହାଡା ଗାଁର ଚନ୍ଦ୍ରଶେଖର ସାହିରେ । ଜାହାଡା ଗାଁର ମୁଖ୍ୟ ସଡ଼କ ପାର୍ଶ୍ୱରେ ଅବସ୍ଥିତ ଚନ୍ଦ୍ରଶେଖର ସାହିରେ ୧୯୮୨ ମସିହାରୁ ଚନ୍ଦ୍ରମା ସ୍ୱାଇଁ, ସନ୍ତୋଷ ରାଉତ, ଜମ୍ମୁ ଜେନା, ପୀତାମ୍ବର ଦାସ, ଟୁନା ପାଣିଗ୍ରାହୀ, ମିଥୁନ ନାହାକ, ସୁଶାନ୍ତ ସ୍ୱାଇଁ, ନିବସିନି ସାମଲ ଓ କୃଷ୍ଣ ପ୍ରଧାନ ନିଜ ନିଜର ପରିବାର ସହ ବସବାସ କରୁଛନ୍ତି । ସେମାନଙ୍କ ପରିବାରର ସଦସ୍ୟ ମାନଙ୍କ ନାମରେ ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ରାସନ କାର୍ଡ ରହିଥିବା ବେଳେ ସେମାନଙ୍କ ଘରକୁ ବିଜୁଳି ଓ ପାଣି ସଂଯୋଗ ମଧ୍ୟ ରହିଛି । ଦିନେ ନୁହେଁ ମାସେ ନୁହେଁ ଦୀର୍ଘ ୪୩ ଧରି ସେମାନେ ସ୍ଥାୟୀ ଭାବରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ସେଠାରେ ରହୁଥିଲେ ମଧ୍ୟ ସେମାନଙ୍କର ସ୍ଥାୟୀ ଘରପଟ୍ଟା ଖଣ୍ଡେ ନାହିଁ । ଥରେ ନୁହେଁ ବାରମ୍ବାର ଏଥିପାଇଁ ଧରାକୋଟ ତହସିଲ କାର୍ଯ୍ୟାଳୟକୁ ଦୌଡ଼ୁଥିଲେ ମଧ୍ୟ ଫଳ ଶୂନ । ଏଣୁ ପିଲାମାନଙ୍କ ବିଭିନ୍ନ ପ୍ରମାଣପତ୍ର ମିଳିପାରୁ ନଥିବା ବେଳେ ସରକାରୀ ଯୋଜନା ସବୁରୁ ମଧ୍ୟ ସେମାନେ ବଞ୍ଚିତ ।

ଏହା ମଧ୍ୟରେ ସମ୍ପୃକ୍ତ ଗ୍ରାମର କିଛିଲୋକ ସ୍ଥାନୀୟ ତହସିଲଦାର ଓ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ନିକଟରେ ସମ୍ପୃକ୍ତ ୯ ପରିବାର ସରକାରୀ ଜାଗାକୁ ଜବରଦଖଲ କରି ଘର କରିଥିବାରୁ ସେମାନଙ୍କୁ ଉଚ୍ଛେଦ କରିବା ଓ ସେହି ଜାଗାକୁ କାଳୀ ମନ୍ଦିରର ପୂଜାପାର୍ବଣ ପାଇଁ ବ୍ୟବହାର କରିବାକୁ ଲିଖିତ ଦାବି ଜଣାଇଥିଲେ । ଏହା ପରେ ସଂପୃକ୍ତ ପରିବାର ଗୁଡ଼ିକୁ ତହସିଲ ତରଫରୁ ନୋଟିସ ଜାରି କରାଯିବା ପରେ ମଙ୍ଗଳବାର ସଂପୃକ୍ତ ପରିବାର ସଦସ୍ୟ ସ୍ଥାୟୀ ଘରପଟ୍ଟା ପ୍ରଦାନ ପାଇଁ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଗୁହାରି କରିଥିଲେ । ଘଟଣା ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ ବେଳେ ସେହି ପରିବାର ଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଉତ୍ତର ମିଳିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଏଠାରେ ପ୍ରଶ୍ନ ଉଠୁଛି, ଦୀର୍ଘ ୪୩ ପୂର୍ବେ ସେମାନେ ସେଠାରେ ବସତି ସ୍ଥାପନ କରିବା ବେଳେ ତାଙ୍କୁ ବିରୋଧ କରାଗଲା ନାହିଁ କାହିଁକି? କାଳୀ ମନ୍ଦିର ପୂଜାବିଧି ପାଇଁ କେବଳ ଏହି ଗୋଟିଏ ଜଗା ପ୍ରଯୁଜ୍ୟ କି? ଦୀର୍ଘଦିନରୁ ଘର କରି ରହିଥିବା ୯ ପରିବାରକୁ ବେସାହାରା କରିବା ପଛରେ କି ରହସ୍ୟ ରହିଛି? ଯଦି ସେମାନଙ୍କୁ ବେଘର କରାଯାଏ ତାହେଲେ ଜାହାଡା ଗାଁରେ ଜବରଦଖଲରେ ରହିଥିବା ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ଚିହ୍ନଟ କରି ଉଚ୍ଛେଦ କରାଯିବ କି? ସଂପ୍ରତି ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପ୍ରଶାସନ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଛତ୍ରପୁର,୧୬ ।୧୨(ସମିସ): ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷା ସସ୍ମିତା ସାମନ୍ତରାୟଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷା ସହ କ୍ରୀଡ଼ାକୁ ବି ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଅନ୍ୟ ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ପଟନାୟକ ଯୋଗଦେଇଥିଲେ । ପୁରସ୍କାର ବିତରଣ ପାଇଁ ଅଧ୍ୟାପିକା ଜ୍ୟୋସ୍ନାରାଣୀ ବେହେରା ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ । ଅଧ୍ୟାପିକା ପ୍ରିୟମ୍ବଦା ମହାରଣା କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ । ବରିଷ୍ଠ ଅଧ୍ୟାପିକା କ୍ରିଷ୍ଣା ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅଧ୍ୟାପିକା କିରଣବାଳା ରଥଙ୍କ ପରିଚାଳନାରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷା ଶ୍ରୀମତୀ ସାମନ୍ତରା ଅତିଥିଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ବ୍ରହ୍ମପୁର ଗସ୍ତ ଆଜି

**● ସୁରକ୍ଷାରେ ୧୦ ପ୍ଲାଟୁନ୍ ଫୋର୍ସ**

ବ୍ରହ୍ମପୁର,୧୬ ।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସୁଛନ୍ତି । ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୨ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ସିଟି ହାଇସ୍କୁଲ ପଡିଆରେ ହେଲିକପ୍ଟରରୁ ଓହ୍ଲାଇବା ପରେ ରାମଲିଙ୍ଗେଶ୍ୱର ପାର୍କକୁ ଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ନିକଟରେ ଥିବା କାଳୀମନ୍ଦିର ଛକକୁ ଯାଇ ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସେଠାରୁ ଯାଇ ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେବେ । ଏହାପରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବାସଭବନକୁ ଯାଇ ସେଠାରେ ୩୦ମିନଟ୍ ରହି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି । ବ୍ରହ୍ମପୁରରେ ଏକ ରୋଡ-ଶୋ କରିବାର ଯୋଜନା ରହିଛି । କିନ୍ତୁ ସେ ନେଇ ପ୍ରଶାସନ କିମ୍ବା ବିଜେପି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଅନ୍ଧପସରା ରୋଡ, ଅନ୍ନପୂର୍ଣ୍ଣା ମାର୍କେଟ ଭଳି ଅଞ୍ଚଳରେ ଟ୍ରାଫିକ କଟକଣା ଜାରି କରାଯାଇଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ସହରର ବିଭିନ୍ନ ଛକ ଓ ବଜାର ସମତେ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ଓ ରାସ୍ତାରେ ମୋଟ ୧୦ପ୍ଲାଟୁନ୍ ପୁଲିସ ମୁତୟନ କରାଯାଉଛି । ସେହିପରି ବ୍ରହ୍ମପୁର ପୁଲିସ ସମେତ ଆଖାପାଖ ଜିଲ୍ଲାର କିଛି ପୁଲିସ ଅଧିକାରୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ନିୟୋଜିତ ହେବେ ବୋଲି ଜଣାପଡ଼ିଛି । ଗତକାଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସମେତ ଅନ୍ୟ ଅଧିକାରୀ ସଭାସ୍ଥଳ ଓ ମୁଖ୍ୟମନ୍ତ୍ରୀଙ୍କ ରୁଟର ତଦାରଖ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ମହାନଗର ନିଗମ(ବିଇଏମସି)ର ବିଭିନ୍ନ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ।

# ରାଜମିସ୍ତ୍ରି ସଂଘର ବୈଠକ



ପୋଲସରା,୧୬ ।୧୨(ସମିସ): ସରକାରଙ୍କ ଦ୍ୱାରା ପଞ୍ଜିକୃତ ହୋଇଥିବା ସମସ୍ତ କାର୍ଯ୍ୟରତ ରାଜମିସ୍ତ୍ରି ଓ କର୍ପୋରେଟର ସଂଘର ଏକ ସାଧାରଣ ବୈଠକ ଲଙ୍ଗେଳେଶ୍ୱର ମନ୍ଦିର ନିକଟସ୍ଥ ବାବା ବିଶ୍ୱକର୍ମା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଉପସଭାପତି ଜୟଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ବ୍ୟବସାୟୀ ବାବୁଲି ପୃଷ୍ଟି, ସନ୍ତୋଷ ପାତ୍ର, ପିଣ୍ଟୁ ଗୌଡ଼ ଓ ସୁଶାନ୍ତ କୁମାର ମହାରଣା ଭାଗ ନେଇଥିଲେ । ସଂଘର କର୍ମକର୍ତ୍ତା କାର୍ଯ୍ୟରତ ସମୟରେ ଡ୍ରେସ୍‌କୋଡ଼ ପରିଧାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସନ୍ତୋଷ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଟୁନା ଖଟେଇ, ରବୀନ୍ଦ୍ର ବିଶ୍ୱାଳ, ନାରାୟଣ ପ୍ରଧାନ, ନାରାୟଣ ଖଟେଇ, ବୁଲୁ ଖଟେଇ, ବାବୁଲା ବେହେରା ପ୍ରମୁଖ ରାଜମିସ୍ତ୍ରୀ ଯୋଗ ଦେଇଥିଲେ ।

# ଯୋଡ଼ି ହେବ ପର୍ଯ୍ୟଟନ ବିକାଶର ନୂଆ ଅଧ୍ୟାୟ: ଜିଲ୍ଲାପାଳ

ଛତ୍ରପୁର,୧୬ ।୧୨(ସମିସ): ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ରରେ ବେଳାଭୂମିର ସ୍ଥାନ ସ୍ୱତନ୍ତ୍ର ଗୋପାଳପୁର ବେଳାଭୂମି ସବୁବେଳେ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।

ବେଳାଭୂମିକୁ "ବ୍ଲୁ-ଫ୍ଲାଗ୍ ଷ୍ଟାଣ୍ଡାର୍ଡରେ କାର୍ଯ୍ୟ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲାର ଗୋପାଳପୁର ବେଳାଭୂମି ଏବଂ ଛତ୍ରପୁର ବ୍ଲକ ଅନ୍ତର୍ଗତ ନୋଳିଆନୂଆଗାଁ ଥିବା ବିଜୁ ପଟ୍ଟନାୟକ ବେଳାଭୂମି ରହିଛି, ସେଠାରେ "ବ୍ଲୁ-ଫ୍ଲାଗ୍ ଷ୍ଟାଣ୍ଡାର୍ଡରେ ବିଭିନ୍ନ କାର୍ଯ୍ୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟ ଚାଲିଛି । ଏନେଇ ଡିପିଆର ପ୍ରସ୍ତୁତି ହୋଇଛି । ବର୍ତ୍ତମାନ ବିଡିଏ ପକ୍ଷରୁ ସବୁ ପ୍ରକାର ଡିପିଆର ପ୍ରସ୍ତୁତି ହୋଇଯାଇଛି । ଏହି ଡିପିଆରକୁ ଅନୁମୋଦନ ନିମନ୍ତେ ପର୍ଯ୍ୟଟନ ବିଭାଗକୁ ପଠାଯାଇଛି । ଗୋପାଳପୁର ବେଳାଭୂମି ନିମନ୍ତେ ୩୦ କୋଟିରୁ ଅଧିକ ଟଙ୍କା ଅନୁଦାନ ଆସିଛି । ଏହାର ଟେଣ୍ଡର ପ୍ରକ୍ରିୟା ଚାଲିଛି, ଆଗାମୀ ଦିନରେ କାର୍ଯ୍ୟକାରୀ ହେବ, ସେହି ଦିଗରେ ନୋଳିଆନୂଆଗାଁ ବେଳାଭୂମିର ଉନ୍ନତି କରିବାକୁ ଯାଉଛୁ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି । ଯାହା ଆଗାମୀ ଦିନରେ ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ରକୁ ସହିତ ଅର୍ଥନୀତିକୁ ସୁଦୃଢ଼ କରିବା ଆଶା ସଞ୍ଚାର ହେବ ।

# ମର୍ଦ୍ଦରାଜ ମହୋତ୍ସବ ପ୍ରସ୍ତୁତି ବୈଠକ

ଖଲ୍ଲିକୋଟ,୧୬ ।୧୨(ସମିସ): ମର୍ଦ୍ଦରାଜ ମହୋତ୍ସବ -୨୦୨୬ ଜାନୁଆରି ୧୧, ୧୨, ୧୩ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବେ । ସ୍ଥାନୀୟ କଳାକାରଙ୍କ ସହିତ ଜିଲ୍ଲା ତଥା ରାଜ୍ୟସ୍ତରୀୟ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୨ ତାରିଖରେ ବ୍ରହ୍ମପୁର ଠାରେ ମର୍ଦ୍ଦରାଜ ମହୋତ୍ସବ ଅନୁଷ୍ଠିତ ହେବ । ମର୍ଦ୍ଦରାଜ ମହୋତ୍ସବ -୨୦୨୬ ରେ ସ୍ମରଣିକାର ବିଷୟ ବସ୍ତୁ ରହିବ ଗଣମାଧ୍ୟମରେ ଗଞ୍ଜାମରେ ଜନ୍ମିତ ସାମ୍ବାଦିକଙ୍କ ଅବଦାନ ଏବଂ ଏ ସମ୍ପର୍କିତ ବ୍ୟକ୍ତିତ୍ୱଙ୍କୁ ମର୍ଦ୍ଦରାଜ ସମ୍ମାନ ପ୍ରଦାନ କରାଯିବ । ଏହା ସହିତ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ମର୍ଦ୍ଦରାଜ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ । ମଙ୍ଗଳବାର ସ୍ଥାନୀୟ ଯୁବରାଜ ବଙ୍ଗଳାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ସମସ୍ତ ସୂଚନା ଦେଇଛନ୍ତି ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁ । ଏହି ବୈଠକରେ ସାଂସ୍କୃତିକ ପରିଷଦର ଉପସଭାପତି ଚନ୍ଦ୍ରଶେଖର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଅନିରୁଦ୍ଧ ସାହୁ, ଡାକ୍ତର ହରପ୍ରସାଦ ମହାପାତ୍ର, ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ ମହେଶ୍ୱର ବରାଡ଼, ରତ୍ନାକର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ବିଜୟ ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରକଳ୍ପ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ରଙ୍ଗେଇଲୁଣ୍ଡା,୧୬ ।୧୨(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ପ୍ରକଳ୍ପସ୍ତରୀୟ କିଶୋର କିଶୋରୀମାନଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ସିଡିପିଓ ସଂଘମିତ୍ରା ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଭୂୟାଁ, ସ୍ନେହମୟୀ ପାଢ଼ୀ, ବବିତା ମହାରଣା, ଅଳକା ସାହୁ ଯୋଗ ଦେଇଥିଲେ । ସୁପରଭାଇଜର ରଚନା ପ୍ରଧାନ ସଭା ପରିଚାଳନା କରିଥିଲେ । ଚିତ୍ରାଙ୍କନ, ନୃତ୍ୟ, କିଶୋର ମାନଙ୍କ ମଧ୍ୟରେ ଉଦ୍ୟୋଗୀ ଦକ୍ଷତା ବୃଦ୍ଧି, ରଚନା ଲିଖନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ରାଜେଶ୍ୱରୀ ରେଡି, ସରସ୍ୱତୀ ବେହେରା, ବବିତା ବେହେରା, ସତ୍ୟଭାମା ପାଢ଼ୀ, ତପସ୍ୱିନୀ ଶତପଥି, ମଞ୍ଜୁ କୁମାରୀ ପଟ୍ଟନାୟକ ଶିକ୍ଷୟତ୍ରୀ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ପୂର୍ବତନ ସରପଞ୍ଚଙ୍କ ଗାଡ଼ି ଚୋରି

ବେଲଗୁଣ୍ଠା,୧୬ ।୧୨(ସମିସ): ବେଲଗୁଣ୍ଠା ବ୍ଲକ୍ ଆମ୍ବପୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବେଲଗୁଣ୍ଠା ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନଙ୍କ ସ୍ୱାମୀ ପ୍ରମୋଦ ପ୍ରଧାନଙ୍କ ଘର ସାମନାରୁ ତାଙ୍କ ବୁଲେଟ୍ ଚୋରି ହୋଇଯାଇଛି । ରବିବାର ବେଲଗୁଣ୍ଠା ନିଗମାନନ୍ଦ ମାର୍ଗ ସ୍ଥିତ ନିଜ ଭଡ଼ା ଘର ସାମ୍ନାରେ ତାଙ୍କ ବୁଲେଟ୍ ରଖି ଘରେ ଶୋଇଥିଲେ । ସକାଳୁ ଉଠି ସେଠାରେ ନଥିବା ଦେଖି ବେଲଗୁଣ୍ଠା ଥାନାରେ ଏତଲା ଦେଇଥିଲେ । ଗତ କିଛିଦିନ ଧରି ବେଲଗୁଣ୍ଠା ଏବଂ ଏହାର ଆଖପାଖ ଅଞ୍ଚଳରେ କ୍ରମାଗତ ଭାବେ ଚୋରି ବଢୁଥିବାରୁ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କମ୍ପ୍ୟୁଟର ଓ କୃତ୍ରିମ ବୁଦ୍ଧିମତ୍ତା କାର୍ଯ୍ୟକ୍ରମ

ଚିକିଟି,୧୬ ।୧୨(ସମିସ): ଆଜି ଧାନଘର ଅଞ୍ଚଳର ହାପି ୱାର୍ଲ୍ଡ କମ୍ପ୍ୟୁଟର ସେଣ୍ଟର ପକ୍ଷରୁ "କମ୍ପ୍ୟୁଟର ଶିକ୍ଷା ଓ କୃତ୍ରିମ ବୁଦ୍ଧିମତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କମ୍ପ୍ୟୁଟର ସେଣ୍ଟରର ପ୍ରଶିକ୍ଷକ ଶ୍ୟାମ ସୁନ୍ଦର ସାହୁ କମ୍ପ୍ୟୁଟରର ମୌଳିକ ଧାରଣା, ଡିଜିଟାଲ ସାକ୍ଷରତା, ଇଣ୍ଟରନେଟର ସଠିକ ବ୍ୟବହାର, ସାଇବର ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ସ୍ୱାଗତ କରି କହିଥିଲେ ଯେ, ଏପରି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଧୁନିକ ଜ୍ଞାନ ଓ ପ୍ରଯୁକ୍ତି ପ୍ରତି ଆଗ୍ରହ ବଢ଼ାଇଥାଏ ।

# ଏନ୍‌ଏଚ୍ ପାର୍ଶ୍ୱରେ ବେଧଡ଼କ ନିଶା କାରବାର

ରମ୍ଭା,୧୬ ।୧୨(ସମିସ)



## ଅବକାରୀ ବିଭାଗ ସବୁଜାଣି ଅଜଣା

ରମ୍ଭା ଥାନା ଇଲାକା ଛତ୍ରପୁର ଅବକାରୀ ଥାନା ଅଧିନରେ ଯାଉଥିବା ଅନେକ ଗ୍ରାମରେ ବେଧଡ଼କ ନିଶା କାରବାର ଚାଲୁଛି । ଅବକାରୀ ବିଭାଗ ସହ ଗୁପ୍ତ ବୁଝାବୁଣା କରି ବ୍ୟବସାୟୀ ମାଲେମାଲ ହେଉଛନ୍ତି । ଗାଁ ଗହଳିରେ ବେଧଡ଼କକକ ଦେଶୀ ମହୁଲି ମଦ, ବିଦେଶୀ ମଦ ପ୍ରଚୁର ପରିମାଣରେ ମିଳୁଛି । ଏମିତିକି ଜାତୀୟ ରାଜପଥ ପାଶ୍ୱର୍ ମଧ୍ୟ ଏଥିରୁ ବାଦ୍ ପଡ଼ିନି । ଡବଲ ଇଂଜିନ ସରକାର ନିଶାମୁକ୍ତ ଓଡିଶା ସ୍ୱପ୍ନ ଦେଖୁଥିବା ବେଳେ ମଦ ବ୍ୟବସାୟୀ ଅବକାରୀ ଥାନା ଅଧିକାରୀଙ୍କୁ ମୋଟା ଅଙ୍କର ପାଉଣା ଦେଇ ଉପରୋକ୍ତ ଅଞ୍ଚଳରେ ମଦକୁ କୁଟୀର ଶିଳ୍ପରେ ପରିଣତ କରିସାରିଲେଣି । ବେଆଇନ ମଦ ଭାଟି କିଭଳି ଚାଲୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସରକାରୀ ମହୁଲି ମଦଭାଟି ଗୁଡ଼ିକ ଗ୍ରୋସରୀ ଯୋଗାଇବା ଭଳି ଗାଁ ଗହଳିର ଦୋକାନରେ ମଦ ଯୋଗାଇ ଦେଉଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଜାଣିଶୁଣି ନିଦାବିଷ୍ଟୁ ସାଜିବା ସହ ଧର୍ମକୁ ଆଖି ଠାର ଭଳି ବେଳେ ବେଳେ ଲୋକ ଦେଖାଣିଆ ଚଢ଼ଉ କରୁଛନ୍ତି । ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନକୁ ଯିବା ବାଟରେ, ପଥଚାରୀ, କନିଷ୍ଠ ଠାରୁ ବରିଷ୍ଠ ବ୍ୟକ୍ତିମାନେ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ଅବକାରୀ ବିଭାଗ ସଜାଗ ରହିବାକୁ ସାଧାରଣରେ ଦାବି ହେଉଛି ।

# ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ




ଛତ୍ରପୁର,୧୬ ।୧୨(ସମିସ): ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ଛତ୍ରପୁର ତାଡ଼ାପଲ୍ଲୀ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତ୍ୟରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଛତ୍ରପୁର ବ୍ଲକ ମହନାଦପୁର ପଞ୍ଚାୟତ ଅଧୀନ ବିରିପୁର ଗ୍ରାମର ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଆଇନଜୀବୀ ଡ଼ଃ ପ୍ରଶାନ୍ତ ଶତପଥୀ, ୧୦ନଂ ୱାର୍ଡ କାଉନସିଲର ତଥା ରାଧେଶ୍ୟାମ ଫାଉଣ୍ଡେସନର ସଭାପତି ଦେବାଶିଷ ମିଶ୍ର, ଯଶୋଦା ଫାଉଣ୍ଡେସନ ପୁଷ୍ପାଞ୍ଜଳି ସାହୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ଯଶୋଦା ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ଶ୍ରୀମତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

